# ନମୁନା ପ୍ରଶ୍ନ
## ଓଡ଼ିଆ

ପ୍ରତି ପ୍ରଶ୍ନ ସହ ଚାରିଗୋଟି ସମ୍ଭାବ୍ୟ ଉତ୍ତର ପ୍ରଦତ୍ତ । ସେଥିମଧ୍ୟରୁ ଯଥାର୍ଥ ଉତ୍ତର ନିର୍ଦ୍ଦେଶ ଅନୁସାରେ ଚିହ୍ନାଅ । ପ୍ରତ୍ୟେକ ଠିକ୍ (✓) ଉତ୍ତର ପାଇଁ ଏକ ନମ୍ବର ଦିଆଯିବ ।

୧. 'ତିଆରି' ଶବ୍ଦ କେଉଁ ବର୍ଗର ଅନ୍ତର୍ଭୁକ୍ତ ?

(କ) ପାରସୀ (ଖ) ଆରବୀ

(ଗ) ପର୍ତ୍ତୁଗୀଜ (ଘ) ଦେଶଜ

୨. 'ର' କେଉଁ ସ୍ଥାନରୁ ଉଚ୍ଚାରିତ ହୋଇଥାଏ ?

(କ) କଣ୍ଠ (ଖ) ତାଲୁ

(ଗ) ମୂର୍ଦ୍ଧା (ଘ) ବର୍ତ୍ସ

୩. 'ଧିକ' ଶବ୍ଦ ଯୋଗେ କେଉଁ ବିଭକ୍ତି ହୁଏ ?

(କ) ପ୍ରଥମା (ଖ) ଦ୍ୱିତୀୟା

(ଗ) ତୃତୀୟା (ଘ) ଚତୁର୍ଥୀ

୪. 'ମାରଣା' କ୍ଷେତ୍ରରେ କେଉଁ ବାଚ୍ୟରେ 'ଅଣା' ପ୍ରତ୍ୟୟ ହୋଇଛି ?

(କ) କରଣ ବାଚ୍ୟରେ (ଖ) ଭାବ ବାଚ୍ୟରେ

(ଗ) କର୍ମ ବାଚ୍ୟରେ (ଘ) କର୍ତ୍ତୃବାଚ୍ୟରେ

୫. ବିଭିନ୍ନ ଅର୍ଥବୋଧକ ଏକ ପ୍ରକାର ଶବ୍ଦମାନଙ୍କର ବାରମ୍ବାର ପ୍ରୟୋଗରେ କେଉଁ ଅଳଙ୍କାର ହୁଏ ?

(କ) ଉପମା (ଖ) ରୂପକ

(ଗ) ଅନୁପ୍ରାସ (ଘ) ଯମକ

୬. "ହଳଦୀ ଗୁରୁଗୁରୁ ରାମ ରାଉତ, ଘରେ ଭାତ ନାହିଁ ପିଲା ବହୁତ" – କହିଲେ କାହାକୁ ବୁଝାଏ ?

(କ) ଗୁଆ (ଖ) ନଡ଼ିଆ

(ଗ) ପଣସ (ଘ) ସପୁରୀ

୭. ‘ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ’ର ପ୍ରଥମ ସଂଗ୍ରାହକ କିଏ ?

(କ) ସିସିଲ୍‌ବେଣ୍ଡଲ୍ (ଖ) ହରପ୍ରସାଦ ଶାସ୍ତ୍ରୀ

(ଗ) କରୁଣାକର କର (ଘ) ଜନ୍ ବିମ୍‌ସ

୮. ‘ରୁଦ୍ର ସୁଧାନିଧି’ର ରଚୟିତା କିଏ ?

(କ) ନାରାୟଣାନନ୍ଦ ଅବଧୂତ ସ୍ୱାମୀ (ଖ) ଅଭିନବ ଚୈତନ୍ୟ

(ଗ) ରୁଦ୍ର ନାରାୟଣ (ଘ) ସଦାନନ୍ଦ କବିସୂର୍ଯ୍ୟ

୯. ସାରଳା ମହାଭାରତର ପର୍ବସଂଖ୍ୟା କେତୋଟି ?

(କ) ୧୨ଟି (ଖ) ୧୬ଟି

(ଗ) ୧୮ଟି (ଘ) ୨୨ଟି

୧୦. କେଉଁଟି ଜଗନ୍ନାଥ ଦାସଙ୍କ କୃତି ?

(କ) ଚୈତନ୍ୟ ଗୀତା (ଖ) ହରିବଂଶ

(ଗ) ବ୍ରହ୍ମଗୀତା (ଘ) ତୁଳାଭିଣା

୧୧. ‘ଧୀରେ ଘେନ କାନନନରେ କୃଷ୍ଣ ବିଳମ୍ବିତ / ବାତ୍ସଲ୍ୟ ମମତା ଘେନି ଭାଳୁଛନ୍ତି ମାତ” – ଏ କାବ୍ୟାଂଶର କବି କିଏ ?

(କ) ଦୀନକୃଷ୍ଣ (ଖ) ଉପେନ୍ଦ୍ର ଭଞ୍ଜ

(ଗ) ଅଭିମନ୍ୟୁ (ଘ) ଭକ୍ତଚରଣ

୧୨. କେଉଁ ଗ୍ରନ୍ଥଟି ଉପେନ୍ଦ୍ରଙ୍କର ନୁହେଁ ?

(କ) ଚନ୍ଦ୍ରକଳା (ଖ) କଳାକଉତୁକ

(ଗ) ଅବନାରସ ତରଙ୍ଗ (ଘ) ରସ ପଞ୍ଚକ

୧୩. ‘ଖଞ୍ଜନ’ ଶବ୍ଦର ଅର୍ଥ କ’ଣ ?

(କ) ଛୋଟା (ଖ) କଜ୍ଜଳପାତୀ ପକ୍ଷୀ

(ଗ) ଛୁରୀ (ଘ) ହରିଣୀ

୧୪. କେଶବ କୋଇଲିର ରଚୟିତା କିଏ ?

(କ) ଦନାଇ ଦାସ (ଖ) ଗୋପାଳକୃଷ୍ଣ

(ଗ) ଅରକ୍ଷିତ ଦାସ (ଘ) ମାର୍କଣ୍ଡ ଦାସ

୧୫. କେଉଁଟି ବ୍ରଜନାଥ ବଡ଼ଜେନାଙ୍କ ରଚନା ନୁହେଁ ?

(କ) ସମର ତରଙ୍ଗ (ଖ) ଶ୍ୟାମ ରାସୋତ୍ସବ

(ଗ) ଚତୁର ବିନୋଦ (ଘ) କୃଷ୍ଣକେଳି ତରଙ୍ଗିଣୀ

୧୬. କେଉଁଟି ଓଡ଼ିଶାର ସର୍ବପ୍ରଥମ ମୁଦ୍ରଣ ଯନ୍ତ୍ର ?

(କ) କଟକ ମିଶନପ୍ରେସ୍ (ଖ) କଟକ ପ୍ରିଣ୍ଟିଂ ପ୍ରେସ୍

(ଗ) ଉତ୍କଳ ପ୍ରିଣ୍ଟିଂ ପ୍ରେସ୍ (ଘ) ଦେ' ପ୍ରେସ୍

୧୭. 'ମୋ ଜୀବନ ସଂଗ୍ରାମ' କାହାର ଆତ୍ମଜୀବନୀ ?

(କ) ସୁରେନ୍ଦ୍ର ମହାନ୍ତି (ଖ) ସୁରେନ୍ଦ୍ର ନାଥ ଦ୍ୱିବେଦୀ

(ଗ) ରାଧାମୋହନ ଗଡ଼ନାୟକ (ଘ) ଲକ୍ଷ୍ମୀକାନ୍ତ ମହାପାତ୍ର

୧୮. 'ଶତାବ୍ଦୀର ସୂର୍ଯ୍ୟ'ର ରଚୟିତା କିଏ ?

(କ) କାହ୍ନୁଚରଣ (ଖ) ବିଭୂତି ପଟ୍ଟନାୟକ

(ଗ) ସୁରେନ୍ଦ୍ର ମହାନ୍ତି (ଘ) ଚନ୍ଦ୍ରଶେଖର ରଥ

୧୯. କେଉଁଟି ଗୋପୀନାଥଙ୍କ କୃତି ନୁହେଁ ?

(କ) ଦାଦିବୁଢ଼ା (ଖ) ଆକାଶ ସୁନ୍ଦରୀ

(ଗ) ମଣି କାଞ୍ଚନ (ଘ) ହରିଜନ

୨୦. 'ଅନ୍ଧରାତିର ସୂର୍ଯ୍ୟ' ପୁସ୍ତକର ରଚୟିତା କିଏ ?

(କ) ମହାପାତ୍ର ନୀଳମଣି ସାହୁ (ଖ) ଶାନ୍ତନୁ ଆଚାର୍ଯ୍ୟ

(ଗ) ପ୍ରତିଭା ରାୟ (ଘ) ବିଭୂତି ପଟ୍ଟନାୟକ

୨୧. କାହାକୁ ରସ ସଂପ୍ରଦାୟର ଆଦି ପ୍ରତିଷ୍ଠାତା ଓ ରସତତ୍ତ୍ୱର ଆଦି ସ୍ଥପତି ରୂପେ ଗ୍ରହଣ କରାଯାଏ ?

(କ) ଅଭିନବ ଗୁପ୍ତ (ଖ) ମମ୍ମଟ

(ଗ) ବିଶ୍ୱନାଥ କବିରାଜ (ଘ) ଭରତ

୨୨. 'ବିଶିଷ୍ଟ ପଦ ରଚନା ରୀତି ବିଶେଷେ ଗୁଣାତ୍ମା' – ଉକ୍ତିଟି କାହା ରଚନାରୁ ଗୃହୀତ ?

(କ) ବାମନ (ଖ) ଭାମହ

(ଗ) ଦଣ୍ଡୀ (ଘ) ମମ୍ମଟ

୨୩. 'ହିମାଚଳେ ଉଦୟ ଉତ୍ସବ' କବିତାର ସ୍ରଷ୍ଟା କିଏ ?

(କ) ନନ୍ଦକିଶୋର (ଖ) ମଧୁସୂଦନ

(ଗ) ଗୋପବନ୍ଧୁ (ଘ) ନୀଳକଣ୍ଠ

୨୪. କେଉଁଟି ରମାକାନ୍ତଙ୍କ ସୃଷ୍ଟି ?

(କ) ପଦ୍ମ ପାଲିଙ୍କି (ଖ) ଯଯାତି

(ଗ) ସୂର୍ଯ୍ୟ ଓ ଅନ୍ଧକାର (ଘ) ଅନେକ କୋଠରୀ

୨୫. 'ଶୈଳକଳ୍ପ' ପୁସ୍ତକଟିର ସ୍ରଷ୍ଟା କିଏ ?

(କ) ସୌଭାଗ୍ୟ ମିଶ୍ର (ଖ) ଦୀପକ ମିଶ୍ର

(ଗ) ରାଜେନ୍ଦ୍ର କିଶୋର ପଣ୍ଡା (ଘ) ସୌରୀନ୍ଦ୍ର ବାରିକ

# ଉତ୍ତର ଫର୍ଦ୍ଦ

୧. କ

୨. ଗ

୩. ଖ

୪. ଘ

୫. ଘ

୬. ଗ

୭. ଖ

୮. କ

୯. ଗ

୧୦. ଘ

୧୧. ଗ

୧୨. କ

୧୩. ଖ

୧୪. ଘ

୧୫. ଘ

୧୬. କ

୧୭. ଖ

୧୮. ଗ

୧୯. ଗ

୨୦. କ

୨୧. ଘ

୨୨. କ

୨୩. ଖ

୨୪. ଘ

୨୫. ଗ